## ସଂକ୍ଷେପରେ

### ଖବରଦାତାଙ୍କ ପିତୃବିୟୋଗ



ଚାନ୍ଦବାଲି, ୨୮।୩ (ଡି.ଏନ.ଏ): ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଧରିତ୍ରୀର ଚାନ୍ଦବାଲି ଖବରଦାତା ଅଶୋକ ପଣ୍ଡାଙ୍କ ପିତା ରାମଚନ୍ଦ୍ର ପଣ୍ଡାଙ୍କର ବୁଧବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ହୋଇଥିଲା। ମସ୍ତିଷ୍କାଘାତ କାରଣରୁ ସେ ଅସୁସ୍ଥ ଥିଲେ। ୧୯୯୪ ମସିହାରେ ସେ ଶିକ୍ଷକତାରୁ ଅବସର ନେଇଥିଲେ। ଜୟନ୍ତୀ, ରତନି, ଗୋବିନ୍ଦପୁର, ଓରାସାହି, ଚନ୍ଦନପୁର ଓ ପାଣିଝରିଆ ଆଦି ବିଦ୍ୟାଳୟରେ ସେ ଶିକ୍ଷକତା କରିଥିଲେ। ଚଷାଖଣ୍ଡର ନିତାଇ ଚୈତନ୍ୟ ମହାପ୍ରଭୁଙ୍କର ସେ ମୁଖ୍ୟ ସେବକ ଥିଲେ। ତାଙ୍କ ଶବାଧାର ନିକଟରେ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଶିକ୍ଷକମାନେ ଆସି ଶେଷ ଦର୍ଶନ କରିଥିଲେ। ଚଷାଖଣ୍ଡ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ।

### ଓଲଟିଲା ହାଇୱା

ବନ୍ତ, ୨୮।୩ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ-ବାରିକପୁର ରାସ୍ତାର ନିଳୋକ ବଉଳାଶୁଣୀ ପୀଠ ନିକଟରେ ଗୁରୁବାର ଏକ ହାଇୱା ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବେଳେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ଗୁରୁବାର ଭୋର ସମୟରେ ବନ୍ତ ପାର୍ଶ୍ୱରୁ ଏହି ମୋରମ ବୋଝେଇ ହାଇୱା ଦ୍ରୁତଗତିରେ ବାରିକପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଥିବା ଚାଳକ ଓ ହେଲ୍‌ପର କୌଣସିମତେ ଗାଡ଼ିରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ।

# ବଢୁଛି ଏଡ୍‌ସ ରୋଗୀଙ୍କ ସଂଖ୍ୟା

ଭଦ୍ରକ ଅଫିସ, ୨୮।୩

ଏଡ୍‌ସ ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ହେଲେ ଭଦ୍ରକ ଜିଲାରେ ଏହାର ସଫଳ ରୂପାୟନ ହୋଇପାରୁ ନାହିଁ। ଗତ ୧୫ ବର୍ଷରେ ଜିଲାରେ କେବଳ ଏଡ୍‌ସରେ ୨୨୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ୯୧୪ ଜଣ ଏଡ୍‌ସ୍‌ରେ ସଂକ୍ରମିତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସାଧୀନ ଅଛନ୍ତି। ସରକାରୀ ଭାବେ ଜିଲାରେ ୯୧୪ ଜଣ ଏଚ୍‌ଆଇଭି ସଂକ୍ରମିତ ଥିବା ସୂଚନା ମିଳିଛି। ବିଶ୍ୱ ଏଡ୍‌ସ୍ ଦିବସ ଆସିଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ସଚେତନତା ଶୋଭାଯାତ୍ରା କରି କାମ ସାରି ଦିଆଯାଉଛି। ସେହିଦିନ ବ୍ୟତୀତ ଏଡ୍‌ସ ନିରାକରଣ ଓ ଏଥିରେ ଆକ୍ରାନ୍ତ ରୋଗୀଙ୍କ ଥଇଥାନ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ସରକାରଙ୍କ ଆନ୍ତରିକତା ଓ ସଚେତନତା ଅଭାବରୁ ଏଡ୍‌ସ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

୨୦୦୩ରେ ଜିଲାରେ ଏଚ୍‌ଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ୨୪ ଥିବାବେଳେ ୨୦୧୮ରେ ବୃଦ୍ଧି ପାଇ ୯୧୪ରେ ପହଞ୍ଚିଛି। ୨୦୧୮ ଅକ୍ଟୋବର ସୁଦ୍ଧା ୪୨ ରୋଗୀ ଚିହ୍ନଟ ହୋଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୪ରେ ୩୩,୯୦୯ଙ୍କୁ କାଉନସେଲିଂ କରାଯାଇ ୩୩, ୮୧୬ ଜଣଙ୍କ ରକ୍ତ ନମୁନାରୁ ୬୧ ଜଣ ଏଡ୍‌ସ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ସେହିଭଳି ୨୦୧୫ ରେ ୩୯, ୫୦୯ ଲୋକଙ୍କୁ କାଉନସେଲିଂ କରାଯାଇ ୩୯, ୪୮୯ ଙ୍କ ରକ୍ତ ନମୁନା ପରୀକ୍ଷଣରୁ ୫୦ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୬ରେ ୪୪, ୪୧୮ ଜଣଙ୍କୁ କାଉନସେଲିଂ କରାଯାଇ ସେମାନଙ୍କ ମଧ୍ୟରୁ ୪୪,୪୦୭ ଜଣଙ୍କ ରକ୍ତ ପରୀକ୍ଷା ପରେ ୭୨ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ସେହିଭଳି ୨୦୧୭ରେ ୩୫, ୮୯୫ ଜଣଙ୍କୁ କାଉନସେଲିଂ ଓ ରକ୍ତ ପରୀକ୍ଷା କରାଯାଇ ୪୨ଜଣ ଏଚ୍‌ଆଇଭି ଆକ୍ରାନ୍ତ ଥିବା ଜଣାପଡ଼ିଛି। ୨୦୦୩ରୁ ୨୦୧୮ ରିପୋର୍ଟ ଅନୁସାରେ, ବାସୁଦେବପୁର ବ୍ଲକରେ ୧୯୨, ଧାମନଗରରେ ୧୦୪, ଚାନ୍ଦବାଲିରେ ୬୩, ତିହିଡିରେ ୧୦୧, ଭଣ୍ଡାରିପୋଖରୀରେ ୩୨, ବନ୍ତରେ ୫୯, ଭଦ୍ରକରେ ୧୮୯ ଓ ଜିଲା ବାହାରୁ ୧୨୨ ଜଣ ଏଡ୍‌ସ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୯ ଗର୍ଭବତୀ ମହିଳା, ୧୪ ବର୍ଷ ବୟସ ମଧ୍ୟରେ ୩୯ ବାଳକ ଓ ୩୬ ବାଳିକା ଏବଂ ୭୧୯ ଜଣ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ। ଏତଦ୍‌ବ୍ୟତୀତ ୪୯୧ ଜଣ ଏଆର୍‌ଟି ସେଣ୍ଟରରୁ ଔଷଧ ଖାଉଛନ୍ତି।

**ସଚେତନତା ଅଭାବ**

- ୧୫ ବର୍ଷରେ ମୃତ୍ୟୁ ସଂଖ୍ୟା ୨୨୦, ଆକ୍ରାନ୍ତ ୯୧୪

ଏଡ୍‌ସ ନିରାକରଣ ପାଇଁ ଜିଲା ଏଡ୍‌ସ ସେଲ୍ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଏହି ଜିଲା ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି। ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତି, ମହିଳା ଓ ଶିଶୁଙ୍କୁ ସାମାଜିକ ନ୍ୟାୟ, ସୁରକ୍ଷା ସହ ସରକାରୀ ଯୋଜନାରେ ସାମିଲ କରାଇ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଉଦ୍ୟମ ହେଉଥିଲେ ହେଁ ଏହା ପର୍ଯ୍ୟାପ୍ତ ହେଉ ନାହିଁ। କେତେକ ସ୍ଥାନରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦର ଶିକାର ହେବାକୁ ପଡୁଛି ତ ଆଉ କେଉଁଠି ମଧୁବାବୁ ପେନ୍‌ସନ ଯୋଜନା ପାଇଁ ବାରମ୍ବାର ବ୍ଲକକୁ ଧାଇଁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ସେହିପରି ଆକ୍ରାନ୍ତଙ୍କୁ ସ୍ୱତନ୍ତ୍ର ଇନ୍ଦିରା ଆବାସ ଯୋଜନାରେ ସାମିଲ କରି ଅଗ୍ରାଧିକାର ଦେବା ସକାଶେ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଫଳପ୍ରଦ ହେଉନାହିଁ। ଏଡ୍‌ସ ଆକ୍ରାନ୍ତଙ୍କୁ ବସ୍ ପାସ୍ ବ୍ୟବସ୍ଥା, ରାଶନ କାର୍ଡ ପ୍ରଦାନ, ବ୍ୟାଙ୍କରେ ଖାତା ଖୋଲାଇବା, ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଇବା, ଏଆର୍‌ଟି ସେଣ୍ଟର ଆଣି ଉପଯୁକ୍ତ ବ୍ୟବଧାନରେ ରକ୍ତ ପରୀକ୍ଷା କରାଇବା କାର୍ଯ୍ୟରେ ଅଧିକ ସମନ୍ୱୟ ରକ୍ଷାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ବାରିଶ ଦାସ କହିଛନ୍ତି, ଲୋକେ ସଚେତନ ହୋଇପାରିଲେ ଏହି ରୋଗ ଅନେକାଂଶରେ ନିୟନ୍ତ୍ରଣ ହୋଇପାରନ୍ତା। ସରକାରୀ ସ୍ତରରେ ମାଗଣାରେ ରୋଗୀଙ୍କ ରକ୍ତ ପରୀକ୍ଷାଠାରୁ ଆରମ୍ଭ କରି ଔଷଧ ବଣ୍ଟନ ସହ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।



କୃଷକ ମଞ୍ଚ ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## କୃଷିର ବିକାଶ ଉପରେ ଗୁରୁତ୍ୱ

ଭଣ୍ଡାରିପୋଖରୀ, ୨୮।୩ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପଟାପୋଲସ୍ଥିତ ମହିମା ବଜାରଠାରେ ଅନ୍ନପୂର୍ଣ୍ଣା କୃଷକ ମଞ୍ଚର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ନଟବର ରାଉଳ ଏଥିରେ ଅଧ୍ୟକ୍ଷତା କରିଥିଲେ। କୃଷକ ମଞ୍ଚର ସମ୍ପାଦକ ଗଦାଧର ନାୟକ ସ୍ୱାଗତ ଭାଷଣ ଓ ପ୍ରଦୀପ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରହଣିଆ ସରପଞ୍ଚ ଅଲିଭା ନାୟକ, ଅକ୍ଷୟ ସାହୁ, ପୂର୍ବତନ କୃଷି ବିଶେଷଜ୍ଞ ଗିରୀଶ ଚନ୍ଦ୍ର ସାହୁ, ତ୍ରିଲୋଚନ ପଣ୍ଡା, ପ୍ରଭାତ କୁଣ୍ଡୁ, ସତ୍ୟରଞ୍ଜନ ନାୟକ, ସମରକାନ୍ତ ପଲାଇ ପ୍ରମୁଖ ଯୋଗଦେଇ କୃଷି ଓ କୃଷକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ନପୂର୍ଣ୍ଣା କୃଷକ ମଞ୍ଚର ପୀତାମ୍ବର ଭଞ୍ଜ, ରବୀନ୍ଦ୍ର ରାଉତ, ସୁଧାକର ନାୟକ, କିଶୋର ସାମଲ, ଦେବେନ୍ଦ୍ର ଷଣ୍ଢ ଓ ଭାଗବତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳରୁ ଶତାଧିକ ଚାଷୀ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ।

## ସରିଲା ଦୋଳଗୋବିନ୍ଦ ପୂଜା

ଭଣ୍ଡାରିପୋଖରୀ, ୨୮।୩ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମଣିନାଥପୁର ଗ୍ରାମରେ ୨୧ ତାରିଖଠାରୁ ଚାଲିଥିବା ଦୋଳଗୋବିନ୍ଦ ପୂଜା ଉଦ୍‌ଯାପିତ ହୋଇଯାଇଛି। ପୁରୋହିତ ଅଶୋକ ପଣ୍ଡା ସାତଦିନ ପୂଜା କାର୍ଯ୍ୟ ସମାପନ କରିଥିଲେ। କିଶୋର ଦାସ ଜଳଘଟ ଉତ୍ତୋଳନ କରିଥିଲେ। କ୍ଷେତ୍ରବାସୀ ଦାସ, ଗଜେନ୍ଦ୍ର ଦାସ, ନାଗାର୍ଜୁନ ଦାସ, ଅନାଦି ଦାସ, ସୁଶାନ୍ତ ବେହେରା ଓ ରଞ୍ଜନ ଦାସ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଦୀର୍ଘବର୍ଷ ଧରି ଏଠାରେ କେବଳ କଳସ ପୂଜା କରାଯାଇ ଆସୁଥିଲା। ପରେ ଦୋଳଗୋବିନ୍ଦଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ୪୫ବର୍ଷ ଧରି ପୂଜା କରାଯାଇଥିଲା। ଏବେ ସିମେଣ୍ଟରେ ନିର୍ମିତ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି।


ପୂଜା ପାଉଥିବା ଦୋଳଗୋବିନ୍ଦଙ୍କ ମୂର୍ତ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା

ବନ୍ତ, ୨୮।୩ (ସ୍ୱ.ପ୍ର.)

ବନ୍ତ ତହସିଲ ଓଡ଼ଙ୍ଗ ପଞ୍ଚାୟତର ବୋଡ଼କ ମହଜୀବି ଶାସନରେ ଗତ ରବିବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ବାସହରା ହୋଇଥିବା ବିପନ୍ନ ପରିବାରକୁ ବିଭିନ୍ନ ରାଜନେତା ଓ ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସରମରା ୟୁନାଇଟେଡ କ୍ଲବ ପକ୍ଷରୁ ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କ୍ଲବର ସମସ୍ତ ସଦସ୍ୟ ଅଗ୍ନିବିପନ୍ନଙ୍କ ଗାଁକୁ ଯାଇ ସେମାନଙ୍କୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ। ସେହିପରି ସରପଞ୍ଚ କିଶୋର କିଙ୍କର ପଡିଆରୀଙ୍କ ତତ୍ତ୍ୱାବଧାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି।

## ନିର୍ବାଚନ ଆଚରଣ ବିଧି ପାଇଁ ସ୍ଥଗିତ ହେଲା ରେଳରୋକୋ

ଭଦ୍ରକ ଅଫିସ, ୨୮।୩

ନିର୍ବାଚନ ଆଚରଣ ବିଧି ପାଇଁ ଭଦ୍ରକ-ଧାମରା କୃଷକ ମଞ୍ଚ ପକ୍ଷରୁ ଗୁରୁବାର ଭଟ୍ଟଡିରା ଷ୍ଟେଶନଠାରେ ହେବାକୁ ଥିବା ରେଳରୋକୋ ଅସ୍ଥାୟୀ ଭାବେ ସ୍ଥଗିତ କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ରେଳରୋକୋକୁ ବନ୍ଦ କରିବା ପାଇଁ ବୁଧବାର ସନ୍ଧ୍ୟାରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଭଦ୍ରକ-ଧାମରା କୃଷକ ମଞ୍ଚର ସଭାପତି କାହ୍ନୁଚରଣ ପଲାଇ, ସାଧାରଣ ସମ୍ପାଦକ ପ୍ରକାଶ ଜେନା, ସଦସ୍ୟ ନିରଞ୍ଜନ ଦାସ, ଶଶୀ ସାହୁ, ଅମୂଲ୍ୟ ସାହୁ, ନୀଳାମ୍ବର ଲେଙ୍କା, ଆଇନଜୀବୀ କନିଷ୍କ ନାୟକ ଓ ଗୋଲକ ମହାରଣାଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଧାମରା ଆଦାନୀ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ କୌଣସି ପ୍ରତିଶ୍ରୁତି ଦେଇପାରିବେ ନାହିଁ ବୋଲି ସେ କହିଥିଲେ। ୭ ଦିନ ମଧ୍ୟରେ ଆଦାନୀ କର୍ତ୍ତୃପକ୍ଷ ଓ ଭଦ୍ରକ ଜିଲାପାଳଙ୍କ ସହିତ ଆଲୋଚନା କରାଯିବ। ଜମିହରା ଓ ବିସ୍ଥାପିତଙ୍କ ସମସ୍ୟା ଯେପରି ସମାଧାନ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କୁହାଯାଇଥିଲା। ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆ ନ ଗଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୃଷକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

## ଦୋଳମେଳଣ ଉଦ୍‌ଯାପିତ

ଭଣ୍ଡାରିପୋଖରୀ, ୨୮।୩ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଚାଲିଥିବା ଦୋଳମେଳଣ ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ମଞ୍ଜୁରିରୋଡ ଓ ଦେଓପଦାସ୍ଥିତ ମହାଦେବ ମନ୍ଦିର ସମ୍ମୁଖରେ ଦୋଳମେଳଣ ବୁଧବାର ଶେଷ ହୋଇଛି। ଆଖପାଖ ଗ୍ରାମ ବନ୍ଦାଲୋ, ବନସ୍ତା, ଦେଓପଦା ଗ୍ରାମରୁ ରାଧାକୃଷ୍ଣ ବିମାନ ସୁସଜ୍ଜିତ ପଟୁଆରରେ ଶୋଭାଯାତ୍ରାରେ ମହାଦେବ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ପୂଜକ ଶ୍ରୀପତି ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ହରିହର ରାଉତଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୟୂରଭଞ୍ଜ

### ବିଶ୍ୱ ନାଟ୍ୟ ଦିବସ ପାଳିତ

ବାରିପଦା ଅଫିସ,୨୮।୩: ବାରିପଦା ପ୍ରୟାସ ଅନୁଷ୍ଠାନ ଓ ବାରିପଦା କଳାକାର ପରିବାରର ମିଳିତ ଆନୁକୂଲ୍ୟରେ ରୋଟାରୀ କ୍ଲବ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିର୍ଦ୍ଦେଶକ ଧୀର ବଶା, ନାଟ୍ୟକାର ଅଧ୍ୟାପକ କୁମରମଣି ନାୟକ ଏବଂ ନାଟ୍ୟ ସମୀକ୍ଷକ ଅରୁଣ କୁମାର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ବାରିପଦା ରୋଟାରୀ କ୍ଲବର ସଭାପତି ମନୋଜ ଦଳବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ଓ ନିର୍ଦ୍ଦେଶକ ସେବାନନ୍ଦ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କଳାକାର ଗୋବିନ୍ଦଚନ୍ଦ୍ର ଗିରି ଯୋଗଦେଇ ଓଡ଼ିଆ ନାଟକକୁ ଆଗେଇ ନେବା ଲାଗି ଯୁବକମାନେ ଆଗେଇ ଆସିବା ଉଚିତ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ରୋଟାରିଆନ ପଦ୍ମନାଭ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାରିପଦା କଳାକାର ପରିବାର ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ପୂର୍ବତନ ସଭାପତି ଶ୍ୟାମଳ ପଟ୍ଟନାୟକ, ରୋଟାରିଆନ କମଳାକାନ୍ତ ପଣ୍ଡା, ଦ୍ୱିଜ କିଶୋର ପରିଡା, ମଳୟ କୁମାର ଗିରି, ଅଜୟ ଦାସ, ତିମିର ଘୋଷ, ବୃନ୍ଦାବନ ଦାଶ, କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନୂଆଗାଁରେ ପାନୀୟଜଳ ସଙ୍କଟ

କୁଆମରା, ୨୮।୩(ଡି.ଏନ.ଏ.)

ଗ୍ରୀଷ୍ମ ଋତୁ ଆରମ୍ଭରୁ ନୂଆଗାଁରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଦିନକୁ ଦିନ ଖରା ଉତ୍ତାପ ବୃଦ୍ଧି ପାଉଥିବାବେଳେ ଲୋକଙ୍କୁ ଘାରିଲାଣି ପାନୀୟ ଜଳ ଚିନ୍ତା। ୨୪ଘଣ୍ଟା ମଧ୍ୟରେ ଅଚଳ ନଳକୂପ ମରାମତି କରିବାକୁ ପ୍ରଶାସନ କହୁଥିବାବେଳେ ଚବିଶ ମାସ ବିତିଯାଇଥିଲେ ମଧ୍ୟ ଏଥି ପ୍ରତି ପଞ୍ଚାୟତ କିମ୍ବା ବ୍ଲକ କାହାର ବି ଦୃଷ୍ଟି ନଥିବା ଅତ୍ୟନ୍ତ ପରିତାପର ବିଷୟ। ଏହିପରି ସମସ୍ୟା ଓ ସଙ୍କଟ ଦେଖିବାକୁ ମିଳିଛି ଗୋପବନ୍ଧୁ ନଗରର ବ୍ଲକ ବେଷ୍ଟ ପଞ୍ଚାୟତ ଭାବେ ଘୋଷଣା ହୋଇଥିବା ଜୟପୁର ପଞ୍ଚାୟତର ନୂଆଗାଁ ଗ୍ରାମରେ।

ଏହି ଗ୍ରାମରେ ପାଖାପାଖି ୩୦ପରିବାର ବାସ କରନ୍ତି। ଲୋକ ସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ ହେବେ। ୱାର୍ଡମେମ୍ବର ଅକ୍ଷୟ ଦଳେଇ, ଲମ୍ବୋଦର ଦାସ, ଚନ୍ଦନ ଦଳେଇ, ନିରଞ୍ଜନ ଦାସ, ସୁରେନ୍ଦ୍ର ମଲ୍ଲିକ, ବୀରେନ୍ଦ୍ର ଦେହୁରୀ ପ୍ରମୁଖଙ୍କ କହିବା ଅନୁଯାୟୀ ୧୫ ବର୍ଷ ତଳେ ଗାଁ ମୁଣ୍ଡରେ ଗୋଟିଏ ନଳକୂପ ସ୍ଥାପନ ହୋଇଥିଲା। ସେଥିରୁ ଠିକ ଭାବେ ପାଣି ନ ବାହାରିବାରୁ ଗତ ଦୁଇ ବର୍ଷ ତଳେ ଆଉ ଗୋଟିଏ ନଳ କୂପ ଖନନ ହେଲା। ମାତ୍ର ଗୋଟିଏ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଥିବା ବେଳେ ଅନ୍ୟଟି ମଧ୍ୟ କାମରେ ଆସୁ ନାହିଁ। ଫଳରେ ଗାଁ ଲୋକେ ପ୍ରବାହିତ ସୋନ ନଦୀର ଦୂଷିତ ଜଳକୁ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ ସ୍ୱଚ୍ଛ ପାନୀୟ ଜଳ ପାଇଁ ଜୟପୁର ନିକଟରେ ଏକ ଜଳ ପ୍ରକଳ୍ପରୁ ମଧ୍ୟ ଗ୍ରାମକୁ ପାଇପ ସଂଯୋଗ ହୋଇଛି। ଗାଁ ମୁଣ୍ଡରେ ପାଣି ଟାଙ୍କି ବି ବସିଛି। ମାତ୍ର ଏଥିରେ ଗାଁ ଲୋକଙ୍କ ସ୍ୱପ୍ନ ପୂରଣ ହୋଇ ପାରି ନାହିଁ। ତେବେ ନଳ କୂପ ସଜାଡି ବାକୁ ୱାର୍ଡ ମେମ୍ବର ଅକ୍ଷୟ ଦଳେଇ ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଆଗାମୀ ଦିନରେ ଉକ୍ତ ସମସ୍ୟା ଦୂର ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେବେ ବୋଲି କହିଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ମରାମତି ପାଇଁ ଏକ ଟିମ୍ ପଠାଇବେ ବୋଲି କହିଛନ୍ତି।


ନୂଆଗାଁ ଗ୍ରାମବାସୀ।

- ଗାଁରେ ଦୁଇ ନଳକୂପ ଅଚଳ
- ଅଭିଯୋଗ ସତ୍ତ୍ୱେ ହେଉନି ମରାମତି
- ଆନ୍ଦୋଳନ ଚେତାବନୀ

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କପ୍ତିପଦା, ୨୮।୩(ଡି.ଏନ.ଏ.)

କପ୍ତିପଦା ବ୍ଲକ ପଦ୍ମପୋଖରୀ ଗ୍ରାମପଞ୍ଚାୟତ ରାଇପାଳ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ପ୍ରାଣପ୍ରତିଷ୍ଠାତା ବୈକୁଣ୍ଠନାଥ ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତ ଶିକ୍ଷକ ମାନଗୋବିନ୍ଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ହରେକୃଷ୍ଣ ଖଟୁଆ, ସମ୍ମାନିତ ଅତିଥିଭାବେ ଶିକ୍ଷକ ବିଶିକେଶନ ମହାନ୍ତି, ଗୌରାଙ୍ଗ ଚରଣ ଖିଲାର, ପ୍ରାକ୍ତନ ଅବସରପ୍ରାପ୍ତ ଶିକ୍ଷକ ସନାତନ ପରିଡ଼ା ପ୍ରମୁଖ ଯୋଗଦେଇ ଶିକ୍ଷକ ପାଢ଼ୀଙ୍କ ଅମାୟିକ ବ୍ୟବହାର, ଅସୀମ ଧୈର୍ଯ୍ୟ ତଥା ଯୁବ ସୁଲଭ ଗୁଣର ଭୂୟସୀ ପ୍ରଶଂସା କରିବା ସହ ତାଙ୍କ ସହିତ ବିତାଇଥିବା ଦିନ ଗୁଡ଼ିକୁ ମନେ ପକାଇଥିଲେ। ବିଦ୍ୟାଳୟର ଅନ୍ୟତମ ସହକର୍ମୀ କୃପାସିନ୍ଧୁ ନାୟକ, ଗୋବିନ୍ଦ ଚନ୍ଦ୍ର ପାତ୍ର, ବେଣୁଧର ନାୟକ, ଅନିରୁଦ୍ଧ ଖଟୁଆ, ରବୀନ୍ଦ୍ରନାଥ ରାଉତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବା ସହିତ ଗ୍ରାମ ପରିକ୍ରମା କରାଯାଇଥିଲା।

## ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର

କପ୍ତିପଦା, ୨୮।୩(ଡି.ଏନ.ଏ)

ଶିମିଳିପାଳ ବନାନୀ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ମାଛକାନ୍ଦଣାଠାରେ ମେଘାସନ ମହାବିଦ୍ୟାଳୟ ନୁଦଡ଼ିହା +୩ ଏନ୍‌ଏସ୍‌ଏସ୍ ଦ୍ୱାରା ଏକ ଆନ୍ତଃ ମହାବିଦ୍ୟାଳୟ ଦୁଇଦିନିଆ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫକୀର ଚରଣ ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ସୀମାନ୍ତ ମହାବିଦ୍ୟାଳୟ, ବେତନଟୀ ମହାବିଦ୍ୟାଳୟ, ଗଡ଼ିଆ ମହାବିଦ୍ୟାଳୟ, ଆର୍‌ଡିଏସ୍ ମହାବିଦ୍ୟାଳୟ, କପ୍ତିପଦା ମହାବିଦ୍ୟାଳୟ, ନୂଆସାହି, ସୀମାନ୍ତ ମହିଳା ମହାବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପି.ଜି. ଶ୍ରେଣୀର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଦୁଃସାହସୀ ପର୍ବତାରୋହଣ, ସନ୍ତରଣ ତଥା ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ସ୍ୱେଚ୍ଛାସେବୀମାନେ ନିକଟବର୍ତ୍ତୀ ମନଭଙ୍ଗା ଗ୍ରାମରେ ଭୋଟର ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ଘରକୁ ଘର ବୁଲି ଭୋଟଦାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପ୍ରୋଗ୍ରାମ କୋ-ଅର୍ଡିନେଟର ଉଷା ଶତପଥୀ ପରିଦର୍ଶନ କରି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ସୀମାନ୍ତ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମର ଡ. ଦେବେଶ ଶଙ୍କର ହୋତା, ମାନସୀ ବାରିକ୍, ବାଇଗଣବାଡ଼ିଆର ଡ. ଶୁଭେନ୍ଦୁ ଦାସ, ମେଘାସନ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡ. ନିରଞ୍ଜନ ପାଠୀ, କମଳିନୀ ପଣ୍ଡା, ଅନିତା ହାଁସ୍‌ଦା ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ମେଘାସନ ମହାବିଦ୍ୟାଳୟର ଛାତ୍ରୀଛାତ୍ର।

### ■ ତୃତୀୟ ନଦୀ ସମ୍ମିଳନୀ ଉଦ୍‌ଯାପିତ

## 'ନଦୀ ପାଇଁ ଯୁବଶକ୍ତି' ଅଭିଯାନ ଆରମ୍ଭ

ବାରିପଦା ଅଫିସ, ୨୮।୩

ପରିବେଶବାଦ କେବଳ ବୃକ୍ଷରୋପଣରେ ସୀମିତ ରହିଯାଇଛି। ଜୈବ-ବିବିଧତା ଦୃଷ୍ଟିରୁ ଯଥାର୍ଥ ଗଛ ଲଗାଇବା ଜରୁରୀ ହୋଇଥିବା ବେଳେ ପ୍ରାକୃତିକ ଜଙ୍ଗଲ ଏବଂ ଜଳସମ୍ପଦର ସୁରକ୍ଷା ଅତ୍ୟାବଶ୍ୟକ। ଆଜିର ନୂଆ ପିଢ଼ିକୁ ଏହି ଶିକ୍ଷା ଦେବା ଉଚିତ ବୋଲି ଅନୁଷ୍ଠିତ ହେଉଥିବା ତୃତୀୟ ଓଡିଶା ନଦୀ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମତ ପାଇଛି। ଏହା ସହ ନଦୀ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ନଦୀ ଜଙ୍ଗଲ ଗୋଷ୍ଠୀ ବନ୍ଧନକୁ ସୁଦୃଢ଼ କରିବାରେ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଯୁବସମ୍ମିଳନୀ 'ୟୁଥ ଫର ରିଭର' ଅବସରରେ ୱାଟରଇନିସିଏଟିଭସ୍ ଓଡିଶାର ଆବାହକ ତଥା ଓଡିଶା ନଦୀ ସମ୍ମିଳନୀ ଆୟୋଜକ କମିଟିର ମୁଖ୍ୟ ରଞ୍ଜନ ପଣ୍ଡା ଯୋଗଦେଇଥବଲେ। ସମ୍ପ୍ରତି ଯୁବବର୍ଗ ଓ ଶିକ୍ଷିତ ସମାଜ ଜଳବାୟୁ ପରିବର୍ତ୍ତନର ନକରାତ୍ମକ ପ୍ରଭାବ ସମ୍ପର୍କରେ ସେ ଚିନ୍ତା ପ୍ରକଟ କରିବା ସହ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରାକୃତିକ ଜଙ୍ଗଲ ଜରୁରୀ ଏବଂ ନଦୀ ସୁରକ୍ଷା କାର୍ଯ୍ୟରେ ମୂଳ ଅଧିବାସୀମାନଙ୍କ ଭୂମିକାକୁ ମାନ୍ୟତା ଦେବା ସହ ସେମାନଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ କହିଥିଲେ। ଏହି ଅବସରରେ ବସୁନ୍ଧରାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ର ଯୋଗଦେଇ ବହୁ ଅଞ୍ଚଳରେ ଏମିତି ଲୋକ ଅଛନ୍ତି ଯେଉଁମାନେ ୭୦ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ କାମ କରୁଛନ୍ତି। ତେଣୁ ଏହି ସମୟରେ ମାର୍ଗଦର୍ଶନ ଏବଂ ଜ୍ଞାନ ପ୍ରଦାନ ସହ ଯୁବବର୍ଗକୁ ନେତୃତ୍ୱ ହସ୍ତାନ୍ତର ପାଇଁ ସେ ମତ ଦେଇଥିଲେ। ଆଦିବାସୀ ଏବଂ ଜଙ୍ଗଲ ଅଧିବାସୀଙ୍କୁ ସେମାନଙ୍କ ଜଙ୍ଗଲରୁ ଉଚ୍ଛେଦ ନ କରିବାକୁ ସୁପ୍ରିମକୋର୍ଟରେ ସରକାର ଅପିଲ କରନ୍ତୁ କାରଣ ସେମାନଙ୍କ ଉପସ୍ଥିତି ପାଇଁ ଜଙ୍ଗଲ ସୁରକ୍ଷିତ ରହିବା ସହ ଜୈବ ବିବିଧତା ରକ୍ଷା ହୋଇପାରୁଛି ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସାମାଜିକ ସଙ୍ଗଠନ ଗୁଡିକ ଜଙ୍ଗଲ, ନଦୀ, ଗୋଷ୍ଠୀ ଅଧିକାର ସୁରକ୍ଷା ପ୍ରସଙ୍ଗରେ କାମ କରିବାକୁ ଏଠାରେ ସଂକଳ୍ପ ନେଇଥିଲେ।

## ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ନେଇ ଉତ୍ତେଜନା

ଖୁଣ୍ଟା, ୨୮।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାରିପଦା ରାଜ୍ୟ ରାଜପଥର ବସିପିଠାଠାରେ ବିଦ୍ୟୁତ ସଂଯୋଗ କାଟକୁ ନେଇ ରାସ୍ତା ଅବରୋଧ ହୋଇଥିବା ଜଣାପଡିଛି। ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଅବରୋଧ ଫଳରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା। ଏପରିକି ବାରିପଦା ଉପଜିଲାପାଳ ମଧ୍ୟ ରାସ୍ତା ଅବରୋଧର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ପୋଲିସର ହସ୍ତକ୍ଷେପ ପରେ ଓ ଅବରୋଧକାରୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ବାସିପିଠା ଗ୍ରାମବାସୀ ବିଦ୍ୟୁତ ବିଲ ପଇଠ ନ କରିବା କାରଣରୁ ଖୁଣ୍ଟା ନେସ୍କୋ ପକ୍ଷରୁ ଗତ ବୁଧବାର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ଗୁରୁବାର ୧୦ଟାରେ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ରାଜ ପଥକୁ ଅବରୋଧ କରାଯାଇଥିଲା। ରାସ୍ତା ଅବରୋଧକାରୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମରେ ୧ ବର୍ଷ ପୂର୍ବରୁ ବିପିଏଲ ଯୋଜନାରେ ଲାଇନ ସଂଯୋଗ କରାଯାଇଥିବା ବେଳେ ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ବିଲ ପ୍ରଦାନ କରାଯାଇ ନାହିଁ। ଉପଭୋକ୍ତା ମାନେ ନିଜ ତରଫରୁ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ବିଲ ଲଗାଇବା ପାଇଁ ଅନୁରୋଧ କରିଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେବେ ଗତ ବୁଧବାର ଉକ୍ତ ଗ୍ରାମରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଖୁଣ୍ଟା ଥାନା ଆଇ ଆଇ ସି ନବକୃଷ୍ଣ ନାୟକ ପହଞ୍ଚି ଅବରୋଧ କାରୀଙ୍କ ସହିତ ଆଲୋଚନା କରି ଅଧଘଣ୍ଟା ମଧ୍ୟରେ ବିଦ୍ୟୁତ ପୁନଃସଂଯୋଗ କରାଯିବାର ପ୍ରତିଶ୍ରୁତି ଦେବାପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲା।


ବିଦ୍ୟୁତ ସଂଯୋଗ ଦେବାଲାଗି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

- ରାସ୍ତା ଅବରୋଧ କଲେ ଗ୍ରାମବାସୀ
- ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

## ସଂକ୍ଷେପରେ

### ପିଲା ଚୋରି ଅଭିଯୋଗ, ବଙ୍ଗୀୟ ଯୁବକ ଅଟକ

**ବସ୍ତା, ୨୮।୩(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଗୁଣ୍ଡରିମରା ଗ୍ରାମରେ ପିଲାଚୋରି ଅଭିଯୋଗରେ ଗ୍ରାମବାସୀ ଜଣେ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଗୁଣ୍ଡରିମରା ଗ୍ରାମର ପରେଶ ନାୟକଙ୍କ ଦୁଇ ଝିଅ ନିଳିମା ଏବଂ ହରପ୍ରିୟା ଟ୍ୟୁଶନରୁ ଘରକୁ ଫେରୁଥିବା ସମୟରେ ଜଣେ ବଙ୍ଗୀୟ ଯୁବକ ସେମାନଙ୍କୁ ଧରି ନେଉଥିବା ବେଳେ ତାଙ୍କ ମା' ଦେଖି ଜୋର୍‌ରେ ଚିତ୍କାର କରିବାରୁ ଗ୍ରାମବାସୀ ଏକାଠି ହୋଇ ୨ ପିଲାଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ଯୁବକଙ୍କୁ ଗ୍ରାମବାସୀ ଅଟକ ରଖି ଥାନାକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

### ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଭୋଗରାଇ, ୨୮।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଦକ୍ଷିଣଦେଉଳା ଗ୍ରାମର ଲକ୍ଷ୍ମୀକାନ୍ତ ସାହୁଙ୍କ ସାନଝିଅ ଭାଗ୍ୟଶ୍ରୀ (୧୯)ଙ୍କ ବୁଧବାର ରାତିରେ ହଠାତ୍ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏନେଇ ଭୋଗରାଇ ଥାନାରେ ଏକ ମାମଲା (ନଂ.୮/୧୯) ରୁଜୁ ହେବା ସହ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଭାଗ୍ୟଶ୍ରୀ ଘରେ ମା'ଙ୍କ ସହିତ ଶୋଇଥିବା ବେଳେ ଏଭଳି ଦୁଃଖଦ ଘଟଣା ଘଟିଛି। ସକାଳେ ପରିବାର ପକ୍ଷରୁ ଚେତାଶୂନ୍ୟ ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ସପନ କୁମାର ନାୟକଙ୍କ କହିବାନୁଯାୟୀ, ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥାଇପାରେ। ମୃତା ଛାତ୍ରୀ ଗ୍ରାମ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଯୁକ୍ତ ୩ରେ ପଢୁଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜବତ ହେଲା କୋଇଲା ବୋଝେଇ ପିକ୍‌ଅପ

**ଚାନ୍ଦବାଲି, ୨୮।୩ (ଡି.ଏନ.ଏ) :** ଭଦ୍ରକ ଜିଲା ଧାମରା-ଭଦ୍ରକ ରେଳପଥ ପାର୍ଶ୍ୱରୁ ବୁଧବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ପିକ୍‌ଅପକୁ ଧାମରା ମେରାଇନ ପୋଲିସ ଜବତ କରିଛି। ଏହି ଗାଡ଼ିରେ ୫୦ ବସ୍ତାରୁ ଊର୍ଦ୍ଧ୍ୱ କୋଇଲା ଲୋଡ ହୋଇଥିଲା ଓ ଗାଡ଼ି ବାସୁଦେବପୁର ଅଞ୍ଚଳକୁ ଯାଉଥିଲା। ଏନେଇ ଧାମରା ମେରାଇନ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ବସ୍ତା, ୨୮।୩(ସ୍ୱ.ପ୍ର.):** ବସ୍ତା ଥାନା ଅନ୍ତର୍ଗତ ବ୍ରାହ୍ମଣଦା ପଞ୍ଚାୟତର ଶଚିପଦା ଗ୍ରାମର ଅରୁଣ ରାମଙ୍କ ସ୍ତ୍ରୀ ମୋହିନୀ(୩୫) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୋହିନୀ ଗୁରୁବାର ଅପରାହ୍ନରେ ଖାଇସାରିବା ପରେ ସ୍ଥାନୀୟ ପୋଖରୀକୁ ବାସନ ଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀରେ ତାଙ୍କୁ ଭାସୁଥିବା ଦେଖିବାକୁ ପରିବାର ଲୋକେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୩ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୮।୩(ଡି.ଏନ୍.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ମୋଟ ୨୦ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏ ନେଇ ବିଭାଗରେ ମାମଲା (ନଂ.୧୧୯/୧୯, ୧୨୦/୧୯ ଓ ୩୯/୧୯) ରୁଜୁ କରାଯାଇ ଗିରଫ ବେପାରୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ଗିରଫ ବେପାରୀମାନେ ହେଲେ ସ୍ଥାନୀୟ ଥାନାର ସାହାରଟିହି ଗାଁର ଗୌରୀ ମାଝି(୩୦), ପାର୍ବତୀ ମାଝି(୨୬), ରୁଧିଆ ମାଝି(୫୫)। ଜିଲା ଅଧୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶରେ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ହାତୀ ଶାବକର ମୃତଦେହ ଠାବ



ମୃତ ହାତୀ ଶାବକ।

**ଯୋଡ଼ା/ଚମ୍ପୁଆ/ଝୁମ୍ପୁରା, ୨୮।୩(ଡି.ଏନ.ଏ.)**

ଚମ୍ପୁଆ ରେଞ୍ଜ ବାମେବାରୀ ବନାଞ୍ଚଳ ଅନ୍ତର୍ଗତ ହାତୀମରା ଛକ ନିକଟ ମହାପର୍ବତ ପାଦଦେଶରେ ଥିବା ଜଙ୍ଗଲରେ ଗୁରୁବାର ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ହାତୀମରା ଛକ ପାର୍ଶ୍ୱ ଗ୍ରାମବାସୀ ଏ ନେଇ ବାମେବାରୀ ଫରେଷ୍ଟ କାର୍ଯ୍ୟାଳୟକୁ ସୂଚନା ଦେବା ପରେ ଏହି ଘଟଣା ପଦାକୁ ଆସିଥିଲା।

ବୁଧବାର ରାତି ପ୍ରାୟ ୯ଟା ସମୟରେ ଉକ୍ତ ଜଙ୍ଗଲରେ ହାତୀ ପ୍ରସବ କରିବା ପରେ ହିଁ ଶାବକର ମୃତ୍ୟୁ ଘଟିଥିଲା। ମା' ହାତୀ ମୃତ ଶାବକ ଚାରି ପାଖରେ ଘୂରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ ବୋଲି ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ କହିଛନ୍ତି। ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ଓ ଚାରି ଜଣ ଫରେଷ୍ଟଗାର୍ଡ ପହଞ୍ଚି ମୃତ ହାତୀ ଶାବକର ବ୍ୟବଚ୍ଛେଦ କରାଇ ପୋତି ଦେଇଛନ୍ତି। ହାତୀ ଶାବକଟି ଦୀର୍ଘ ଦିନ ହେବ ସେଠାରେ ମୃତ ଅବସ୍ଥାରେ ପଡି ରହିଥିବା ସ୍ଥାନୀୟ ଅଚଳରେ ଚର୍ଚ୍ଚା ହେଉଛି। ମହାପର୍ବତର ହାତୀମରା ପାର୍ଶ୍ୱ ଅଞ୍ଚଳରେ ୬ ହାତୀ ରହୁଛନ୍ତି। ହାତୀ ଶାବକର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏହି ଅଞ୍ଚଳରେ ଖଣି ଖାଦାନର ସଂଖ୍ୟା ବଢ଼ି ଚାଲିଥିବା ବେଳେ ବଣ ଜଙ୍ଗଲ ନଷ୍ଟ ହେଉଛି। ପରିବେଶ ଅସନ୍ତୁଳିତ ହୋଇପଡିଛି। ହାତୀପଲ ମଧ୍ୟ ଏଠାରେ ସୁରକ୍ଷିତ ବିଚରଣ କରିପାରୁ ନ ଥିବା ବେଳେ ଖାଦ୍ୟାଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

# ଟ୍ରକ୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

■ ଟ୍ରକ୍ ଡ୍ରାଇଭର ଫେରାର

**ବିଶୋଇ, ୨୮।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ମଣଦା ଫାଣ୍ଡି ଅଧୀନ ସ୍ଥାନୀୟ ମଣଦାଠାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ପୁଣ୍ଡାଳ ଗ୍ରାମର ମୃତ୍ୟୁଞ୍ଜୟ ମହାନ୍ତି(୨୬)। ଗୁରୁତର ଜଣକ ହେଲେ ବସ୍ତା ଥାନା ଅଞ୍ଚଳର ଉତ୍ତମ ପ୍ରଧାନ (୨୪)। ମେଡିସିନ ରିପ୍ରେଜେଣ୍ଟେଟିଭ୍ ଭାବେ କାମ କରୁଥିବା ଏହି ୨ ଯୁବକ କୌଣସି କାମରେ ଗୁରୁବାର ୧୦ଟାରେ ପଞ୍ଜୀକରଣ ହୋଇ ନ ଥିବା ଏକ ନୂତନ ବାଇକ୍‌ରେ ବିଶୋଇରୁ ଯଶିପୁର ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ମୃତ୍ୟୁଞ୍ଜୟଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତମଙ୍କୁ ଗୁରୁତର ଅବସ୍ଥାରେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ ଓ ପରବର୍ତ୍ତୀ ଅବସ୍ଥାରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଉତ୍ତେଜନା ଦେଖାଯାଇଥିଲା। ଫଳରେ କିଛି ସମୟ ପାଇଁ ୪୯ନଂ. ଜାତୀୟ ରାଜପଥ ବନ୍ଦ ରହିଥିଲା। ଏ ସମ୍ପର୍କରେ ଖବର ପାଇ ମଣଦା ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ନାଏକ ଓ ବିଶୋଇ ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କଲା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ମଣଦା ଫାଣ୍ଡିରେ ଏକ ମାମଲା (ନଂ.୨୩/୧୯) ରୁଜୁ ହେବା ସହ ପୋଲିସ ଟ୍ରକ୍‌ଟିକୁ ଜବତ କରିଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବାଲେଶ୍ୱର ଅଫିସ/ରେମୁଣା, ୨୮।୩(ଡି.ଏନ.ଏ.)**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଶ୍ରୀକୃଷ୍ଣପୁର ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ. ୩୩/୧୯) ରୁଜୁ କରାଯାଇ ପୋଲିସ ପୀଡ଼ିତାଙ୍କୁ ଡାକ୍ତରୀମାଇନା କରାଇଛି। ଏହାସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଅଟକ ରଖି ପଚରାଉଚରା କରି ଗୁରୁବାର କୋର୍ଟଚାଲାଣ କରିଛି। ସୋମବାର ସନ୍ଧ୍ୟାରେ ଗ୍ରାମରେ ହେଉଥିବା ହୋଲିମଣ୍ଡପ ନିକଟରେ ଭୋଜି ଖାଇବାକୁ ନାବାଳିକା ଯାଇଥିଲେ। ଦୀର୍ଘସମୟ ଧରି ସେଠାରୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ସମ୍ପୃକ୍ତ ନାବାଳିକାଙ୍କୁ ଗ୍ରାମର ବିଟୁ ବଧୁକଙ୍କ ଘରୁ ଉଦ୍ଧାର କରାଯାଇଥିଲା। ଘରକୁ ଫେରିବା ସମୟରେ ବିଟୁ ତାଙ୍କୁ ବଳପୂର୍ବକ ଉଠାଇ ନେଇ ତାଙ୍କ ଘର ଭିତରେ ବଳାତ୍କାର କରିଥିବା ନାବାଳିକା ଜଣକ ଘରଲୋକଙ୍କ ନିକଟରେ କହିଛନ୍ତି। ଘରଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଟୁଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ କରିଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରାଯିବା ସହ ପୋସ୍କୋ ଆକ୍ଟ ଲଗାଯାଇଥିବା ଶିଳ୍ପାଞ୍ଚଳ ଥାନାଧିକାରୀ ଜୟନ୍ତ ବେହେରା କହିଛନ୍ତି।

## ବାଇକ୍-ଅଟୋ ଧକ୍କା, ୫ ଗୁରୁତର

**ପାଟଣା, ୨୭।୩(ସ୍ୱ.ପ୍ର.):** ପାଟଣା ବ୍ଲକ କେନ୍ଦେଇପର୍ଶି ନିକଟ ବଡ଼ ଗମ୍ଭାରୀଆ ହାଟ ପଡ଼ିଆ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଓ ଅଟୋ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀ ସହ ଅଟୋରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି। ବାଇକ୍ ଚାଳକମାନେ ହେଲେ ମୈଦାନକେଲ ଗ୍ରାମର ଶିବ ମହାକୁଡ଼ ଓ ଉତ୍ତମ ମହାକୁଡ଼। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଟୋରେ ଥିବା ବ୍ୟକ୍ତି ହେଉଛନ୍ତି ଜାମୁନାଳିଆ ଗ୍ରାମର ବାବୁଲି ମୁଣ୍ଡା, ତାଙ୍କ ସ୍ତ୍ରୀ ମଲ୍ଲିକା ମୁଣ୍ଡା ଓ ୬ ବର୍ଷର ପୁଅ ବାବୁଲ ମୁଣ୍ଡା। ଏହି ୩ ଜଣଙ୍କୁ ପାଟଣା ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାରେ ଅଟୋଟି ଓଲଟି ପଡିଥିବା ବେଳେ ଚାଳକ ଫେରାର ଅଛନ୍ତି।

# ଧାମରା ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ

**ଚାନ୍ଦବାଲି, ୨୮।୩ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମରା ନିକଟସ୍ଥ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସୀମାରେ ପଶି ବେଆଇନ ଭାବେ ମାଛ ମାରୁଥିବା ଏକ ଟ୍ରଲରକୁ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ଗୁରୁବାର ସକାଳେ ଜବତ କରିଛନ୍ତି। ଭୋର ୫ଟା ବେଳେ ବାସୁଦେବପୁର କଷିଆ ମୁହାଣର ମା' ଗଙ୍ଗା ନାମକ ଏକ ଟ୍ରଲର ଗହୀରମଥା ଅଞ୍ଚଳରେ ମାଛ ମାରୁଥିଲା। ରାଜନଗର ଡିଏଫ୍‌ଓ ଏ ସମ୍ପର୍କରେ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ସ୍ପିଡବୋଟ ସାହାଯ୍ୟରେ ଏହି ଟ୍ରଲରକୁ ଜବତ କରିଥିଲେ। ଏହି ଟ୍ରଲରରେ ଥିବା ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡା କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାଯାଇଛି।

# ୯ ବଖରା ଜଳିଗଲା



ଭଣ୍ଡାରିପୋଖରୀରେ ପୋଡ଼ିଯାଇଥିବା ଘର।

**ଭଣ୍ଡାରିପୋଖରୀ/ଆରଡ଼ି, ୨୮।୩ (ଡି.ଏନ.ଏ.)**

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଏବଂ ଆରଡ଼ି ଫାଣ୍ଡି ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୯ ବଖରା ଜଳିଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡ଼ା ପଞ୍ଚାୟତ ଆଖୁଆପଦା ଗ୍ରାମରେ ଗୁରୁବାର ଭୋର ସମୟରେ ଘଟିଥିବା ଅଗ୍ନିକାଣ୍ଡରେ ୨ ପରିବାରର ୬ ବଖରା ପୋଡିଯାଇଛି। ଏଥିରେ ମହେଶ୍ୱର ଜେନାଙ୍କ ୩ ଓ ସନତ କୁମାର ଜେନାଙ୍କ ୩ ବଖରା ଜଳିଯାଇଛି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର, ଧାନ ସମେତ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା କୁହାଯାଉଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅଗ୍ନିକାଣ୍ଡ ଖବର ପାଇ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଣତକାନ୍ତ ସାମଲ ଉକ୍ତ ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ତହସିଲଦାରଙ୍କୁ କହି ପଲିଥିନ ଯୋଗାଇଦେବା ବ୍ୟବସ୍ଥା କରିଛନ୍ତି। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରତିଶ୍ରୁତି ଦେଇଛନ୍ତି। ମଧ୍ୟାହ୍ନରେ ଭଣ୍ଡାରିପୋଖରୀ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବଦ୍ରିନାରାୟଣ ଧଳ ଅଗ୍ନିବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହ ଚୁଡ଼ା, ଚାଉଳ, ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଛନ୍ତି।

ସେହିପରି ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ମୁଆଁ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଗ୍ରାମର ଖଗେଶ୍ୱର ମଳିକଙ୍କ ୩ ବଖରା ଜଳିଯାଇଛି। ସୂଚନା ଅନୁସାରେ, ଖଗେଶ୍ୱରଙ୍କ ପରିବାର ଲୋକେ ରାତିରେ ଶୋଇଥିବା ବେଳେ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀ ସେମାନଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡରେ ଖଗେଶ୍ୱରଙ୍କ ଧାନ, ଚାଉଳ, ଆସବାବପତ୍ର, ବିଭିନ୍ନ ଜମିଜମା କାଗଜପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଧାମନଗର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିଥିଲେ। ଗୁରୁବାର ସକାଳେ ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ଅଗ୍ନିବିପନ୍ନଙ୍କ ଘରକୁ ଯାଇ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିବା ସହ ଏହି ପରିବାରକୁ ପଲିଥିନ ମିଳିବାର ବନ୍ଦୋବସ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଏକ ବିନମ୍ର ନିବେଦନ

ଆସନ୍ତା ସାଧାରଣ ନିର୍ବାଚନରେ **ଭୁବନେଶ୍ୱର ଲୋକସଭା ଆସନରୁ ସି.ପି.ଆଇ.ଏମ୍.ର ପ୍ରାର୍ଥୀ** ଭାବେ ମୁଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପାର୍ଟି ସ୍ଥିର କରିଛି। ଭାରତୀୟ ଜାତୀୟ କଂଗ୍ରେସ, ସି.ପି.ଆଇ. ପାର୍ଟି ସମେତ ରାଜ୍ୟର ସମସ୍ତ ବାମପନ୍ଥୀ, ସମାଜବାଦୀ ଓ ପ୍ରଗତିଶୀଳ ବ୍ୟକ୍ତିବିଶେଷମାନେ ମୋତେ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଲୋକସଭାରେ ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ତଥା ଜାତୀୟ ପ୍ରସଙ୍ଗରେ ଓଡ଼ିଶାର ମତାମତକୁ ଯଥାଯଥ ଭାବେ ଉତ୍ଥାପନ କରିପାରିବି ବୋଲି ଭରସା ଦେଉଛି।

ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ତଥା ସମଗ୍ର ରାଜ୍ୟର, ବୁଦ୍ଧିଜୀବୀ, ଶ୍ରମଜୀବୀ ତଥା ଯୁବକଯୁବତୀମାନେ ସମର୍ଥନ ଦେବାକୁ ମୁଁ ନିବେଦନ କରୁଛି। ଅଗଣିତ ବନ୍ଧୁ, ପ୍ରିୟଲୋକ ଓ ଶୁଭେଚ୍ଛୁମାନଙ୍କ ପାଖକୁ ମୁଁ ନିଜେ ବ୍ୟକ୍ତିଗତ ଭାବେ ଯାଇ ପହଞ୍ଚି ନ ପାରୁଥିବାରୁ ମୁଁ ଦୁଃଖିତ। ମାତ୍ର ଆପଣମାନଙ୍କ ଶୁଭେଚ୍ଛା ଓ ଆଶୀର୍ବାଦ କାମନା କରୁଛି।

ସତ୍ୟ ଓ ନ୍ୟାୟର ବିଜୟ ହେବ, ଅନ୍ୟାୟ, ଦୁର୍ନୀତି ଓ ଶଠତାର ବିଲୟ ଘଟିବ।

ସମସ୍ତଙ୍କୁ ନମସ୍କାର।

ଜନାର୍ଦ୍ଦନ ପତି, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)
Janardan Pati- 9437007770, Mail ID: janardanpati1947@gmail.com
Manmohan Pati- 8895015522, Mail ID: manmohan.pati@gmail.com
ସୌଜନ୍ୟ: ଇଂ. ମନମୋହନ ପତି

■ ଗଞ୍ଜେଇବାଡି ଟ୍ରିପଲ ମର୍ଡର ଘଟଣା

# ୨୦ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

**ଭଦ୍ରକ ଅଫିସ, ୨୮।୩**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଞ୍ଜେଇବାଡ଼ି ଟ୍ରିପଲ ମର୍ଡର ଘଟଣାର ଅନ୍ୟତମ ଫେରାର ଅଭିଯୁକ୍ତ କରୁଣାକର ଜେନାଙ୍କୁ ୨୦ ବର୍ଷ ପରେ ପୋଲିସ ଗିରଫ କରିଛି। ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ଗିରଫ ଜଗନ୍ନାଥପୁର ଗାଁର କରୁଣାକରଙ୍କୁ କୋର୍ଟ ଚାଲାଣ କରିଛି। ଉଲ୍ଲେଖନୀୟ ଯେ, ୧୯୯୯ ଜୁନ୍ ୧୪ରେ ଗଞ୍ଜେଇବାଡ଼ି ଗାଁରେ ସଂଘବଦ୍ଧ ଭାବେ ୩ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୧୫ରୁ ଊର୍ଦ୍ଧ୍ୱଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ କୋର୍ଟ ବିଚାର କରି ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଆଜୀବନ ଓ ଜଣଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଣି କରିଥିଲେ। କିନ୍ତୁ ଫାଶି ଦଣ୍ଡାଦେଶ ପାଇଥିବା ଦୋଷୀ ଏବେ ଚୌଦ୍ୱାର ଜେଲ୍‌ରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଛନ୍ତି।



ଗିରଫ ଅଭିଯୁକ୍ତ କରୁଣାକର ଜେନା।

ଏତଦ୍‌ବ୍ୟତୀତ କେତେକ ଅଭିଯୁକ୍ତ ଫେରାର ଥିଲେ। ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ସଂଗ୍ରାମ ରାଉତଙ୍କୁ ଗତବର୍ଷ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବୁଧବାର କରୁଣାକରଙ୍କୁ ଗିରଫ କରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ବିଦ୍ୟୁତ୍ ନେଲା ଜୀବନ

**ଝୁମ୍ପୁରା, ୨୮।୩(ଡି.ଏନ୍.ଏ.):** ସଦର ଥାନା ଅନ୍ତର୍ଗତ ପ୍ରଜନପୁର ପଞ୍ଚାୟତର ଆମୁଣିପୁର ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପଞ୍ଚାନନ ମହାନ୍ତ(୪୦)। ସକାଳବେଳା ପମ୍ପ୍ ଲଗାଇ ସେ ଘର ଛାତରେ ପାଣି ଦେଉଥିଲେ। ଏହି ସମୟରେ ପମ୍ପରେ ସଂଯୋଗ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଆଘାତ ପାଇଥିଲେ। ପରିବାର ଲୋକେ ତାଙ୍କୁ ଝୁମ୍ପୁରା ଡାକ୍ତରଖାନା ଆଣିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପଲାଶପଙ୍ଗା ବିଟ୍ ହାଉସ୍ ଅଧିକାରୀ ଶ୍ରୀକାନ୍ତ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ ହୋଇଛି।

## ମେଶିନ୍ ପୋଡ଼ି ନେଇ ମାମଲା

**ଆନନ୍ଦପୁର,୨୮।୩(ସ୍ୱ.ପ୍ର.):** ଆନନ୍ଦପୁର ଥାନା କୋଡପଡ଼ା ଗ୍ରାମର ବୈତରଣୀ ବାଲି ଘାଟରେ ଦୁଇ ସମ୍ପର୍କୀୟ ଭାଇ ଗାଧୋଉଥିବା ସମୟରେ ପାଣିରେ ବୁଡି ପ୍ରାଣ ହରାଇଥିଲେ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବାଲି ଘାଟ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରି ଘାଟରେ ବାଲି ଉଠାଇବା କାର୍ଯ୍ୟରେ ନିୟୋଜିତ ଥିବା ଗୋଟିଏ ପ୍ରୋକଲିନ୍ ମେଶିନ୍‌କୁ ଜାଳି ଦେଇଥିଲେ। ବାଲି ଲୋଡ ଅବସ୍ଥାରେ ଥିବା ତିନି ହାଇୱାର କାଚ ଭଙ୍ଗି ଦେଇଥିଲେ। ଏହି ମେଶିନ୍ ପୋଡି ଘଟଣାକୁ ନେଇ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମଙ୍ଗଧ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କୁ ଉତ୍ତ୍ୟକ୍ତ ଲୋକେ ପ୍ରଥମେ ବାଲି ଘାଟଠାରେ ଦୀର୍ଘ ସମୟ ଅଟକ ରଖିଥିଲେ। ମୃତକଙ୍କ ପରିବାରକୁ ଏକ ଲକ୍ଷ ଲେଖାଏଁ କ୍ଷତି ପୂରଣ ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ତହସିଲଦାରଙ୍କୁ ଛାଡ଼ିଥିଲେ। ନିର୍ବାଚନ ସମୟରେ ମାଜିଷ୍ଟ୍ରେଟ୍ ଭାବେ ଦାୟିତ୍ୱରେ ଥିବା ତହସିଲଦାରଙ୍କୁ ଦୀର୍ଘ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକ ରଖିବା ଘଟଣାକୁ ଅଧିକ ସମ୍ବେଦନଶୀଳ କରିପକାଇଛି।

## ଡମ୍ଫର ଓଲଟି ୩ ଆହତ

**ଯୋଡ଼ା, ୨୮।୩(ଡି.ଏନ.ଏ.):** ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ହାଟପଦା ନିକଟସ୍ଥ ପୋଲରେ ଏକ ଡମ୍ଫର ଓଲଟି ଡ୍ରାଇଭର ସମେତ ୩ ଜଣ ଆହତ ହୋଇଛନ୍ତି। ଓଆର୦୯ଜେ୯୯୦୪ ବାମେବାରୀ ଆଡୁ ଜୁରୁଡି ଅଭିମୁଖେ ଆସୁଥିବା ବେଳେ ଉକ୍ତ ପୋଲ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଡ୍ରାଇଭର ଅଜୟ ଦାସ ଓ ଗାଡିରେ ବସିଥିବା ଅର୍ଜୁନ ସାଣ୍ଡିଲ ଆହତ ହୋଇଥିବା ବେଳେ ସିଦ୍ଧାର୍ଥ ନାଏକ ଗୁରୁତର ହୋଇଥିଲେ। ସେମାନଙ୍କୁ ଯୋଡାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡମ୍ଫରକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିବା ବାମେବାରୀ ଥାନା ସବଇନ୍ସପେକ୍ଟର ମାର୍ଗିନ କୁଜୁର ସୂଚନା ଦେଇଛନ୍ତି।

## ଜୁଆଙ୍ଗ ଶିଶୁଙ୍କ ମୃତ୍ୟୁ

**କେନ୍ଦୁଝର, ୨୮।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଜଣେ ଜୁଆଙ୍ଗ ଶିଶୁଙ୍କ ମୃତ୍ୟୁ ଘଟିଛି। ତେଲକୋଇ ବ୍ଲକର ମଧୁସୂଦନପୁର ଗ୍ରାମର କାଳିଆ ଜୁଆଙ୍ଗଙ୍କ ନଅ ମାସର ଶିଶୁ ଅସୁସ୍ଥ ହେବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଗୁରୁବାର ଅପରାହ୍ନରେ ଆସିଥିଲେ। ଶିଶୁର ଅବସ୍ଥା ଭଲ ନ ଥିବାରୁ ଏସଏନସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାରେ ବିଳମ୍ବ ଯୋଗୁଁ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣାକୁ ଚପାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ତରବରିଆ ଭାବେ ମୃତ ଶିଶୁକୁ ଘରକୁ ପଠାଇଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

## ଡମ୍ଫର ଧକ୍କାରେ ଜଣେ ଗୁରୁତର

**ହାଟଡିହୀ, ୨୮।୩(ଡି.ଏନ.ଏ.):** ହାଟଡିହୀ ବ୍ଲକ ଛେନାପଦୀ ହଦଗଡ଼ ରାସ୍ତାର କରଞ୍ଜବାଟି ଛକ ନିକଟରେ ଗୁରୁବାର ଡମ୍ଫର ଧକ୍କାରେ ଜଣେ କ୍ଷୀର ବିକାଳୀ ଗୁରୁତର ହୋଇଛନ୍ତି। ସେ ହେଲେ ତରତରା ପଞ୍ଚାୟତ ବାଲକାଟି ଗ୍ରାମର ଲକ୍ଷ୍ମୀଧର ଦେହୁରୀ। ସେ ଏକ ଲୁନା ଗାଡ଼ିରେ ବଉଳା ଅଞ୍ଚଳକୁ ଦୈନିକ କ୍ଷୀର ବିକ୍ରୀ କରିବାକୁ ଆସିଥାନ୍ତି। କ୍ଷୀର ବିକି ସାରି ଗାଡ଼ିରେ ଫେରୁଥିବା ବେଳେ କରଞ୍ଜବାଟି ଛକ ନିକଟରେ ଆଗପଟୁ ଆସୁଥିବା ଡମ୍ଫର ତାଙ୍କୁ ଧକ୍କା ଦେଇଥିଲା। ଗାଡ଼ି ତଳେ ପଡ଼ିଯାଇ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଲକ୍ଷ୍ମୀଧରଙ୍କୁ ହାଟଡିହି ଦମକଳ କେନ୍ଦ୍ର ଗାଡ଼ିରେ ଆନନ୍ଦପୁରକୁ ପଠାଇଥିଲେ। ଏ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସୋସୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡମ୍ଫରକୁ ଜବତ କରିବା ସହ ଲୁନା ଗାଡ଼ିକୁ ମଧ୍ୟ ଜବତ କରିଛି।

■ ବିଦ୍ୟୁତ୍ ସଂଯୋଗ ହେଉନି

# ଭୋଟ ବର୍ଜନ ଚେତାବନୀ

**ଝୁମ୍ପୁରା, ୨୮।୩ (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତ ଖେଣ୍ଡରା ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦିଆଯାଉନି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ନ ଶୁଣିବାରୁ ଗ୍ରାମବାସୀ ତାତି ଉଠିଛନ୍ତି। ବିଦ୍ୟୁତ ସଂଯୋଗ ଦିଆ ନ ଗଲେ ଚଳିତ ନିର୍ବାଚନରେ ଭୋଟ ବର୍ଜନର ନିଷ୍ପତ୍ତି ଗ୍ରାମବାସୀ ନେବେ ବୋଲି ନେସ୍କୋ କର୍ତ୍ତୃପକ୍ଷ ଏବଂ ଝୁମ୍ପୁରା ବିଡିଓଙ୍କୁ ଜଣାଇଛନ୍ତି। ଅଭିଯୋଗ ପତ୍ରରେ ଗ୍ରାମବାସୀ ରୁକ୍ମିଣୀ ମହାନ୍ତ, କମଳା ମହାନ୍ତ, ଯମୁନା ବାରିକ, ଜ୍ୟୋସ୍ନାରାଣୀ ମହାନ୍ତ, ମିଥିଳା ଦାସ, ଅହଲ୍ୟା ମହାନ୍ତ, କୁନି ମହାନ୍ତ, ରେବତୀ ମହାନ୍ତ, ପ୍ରତିମା ମହାନ୍ତ ପ୍ରମୁଖ ଚେତାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଖେଣ୍ଡରା ପଞ୍ଚାୟତବାସୀ ବିଦ୍ୟୁତ୍, ପାନୀୟ ଜଳ, ରାସ୍ତା ସମସ୍ୟାରେ ବହୁବର୍ଷ ହେଲା ଜୁଝି ହେଉଛନ୍ତି। ଏହି ପଞ୍ଚାୟତରେ ମୁଖ୍ୟତଃ ପାନୀୟଜଳ ଓ ବିଦ୍ୟୁତ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ ସମସ୍ୟା ସମାଧାନ ହେଉନାହିଁ। ରାଜ୍ୟ, କେନ୍ଦ୍ର ସରକାରଙ୍କ ବିଦ୍ୟୁତ କରଣ ଯୋଜନାରେ ପଞ୍ଚାୟତରେ ଖୁଣ୍ଟ ପୋତାଯାଇ ତାର ଟଣା ଯାଇଛି। ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ କାମ ଅଧାପନ୍ତରିଆ ହୋଇ ପଡିରହିଛି। ବିଶେଷ ଭାବେ ପଞ୍ଚାୟତର ୬ନଂ ଓ ୭ନଂ ୱାର୍ଡବାସୀ ଉପରୋକ୍ତ ସମସ୍ୟା ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡା କହନ୍ତି, ପଞ୍ଚାୟତର ବିଦ୍ୟୁତ ସଂଯୋଗ ସମସ୍ୟା ସହିତ ରାସ୍ତା, ପାନୀୟ ଜଳ ଆଦି ସମସ୍ୟା ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। କେବଳ ପ୍ରତିଶ୍ରୁତିରେ କାମ ଚଳାଇ ନିଆଯାଉଛି। ଖେଣ୍ଡରା ପଞ୍ଚାୟତ ରିମୁଲି ନେସ୍କୋ ସେକଶନ ଅଧୀନରେ ଆସୁଥିବା ବେଳେ ନେସ୍କୋ ଯନ୍ତ୍ରୀ ଡି ମୁର୍ମୁଙ୍କୁ ପଚାରିବାରୁ ବିଦ୍ୟୁତ୍ ସଂଯୋଗ ଦିଆଯିବାର ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି। ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରାଙ୍କ ମତାମତ ମିଳି ପାରିନାହିଁ।



ଅଭିଯୋଗ କରିବାକୁ ଅସିଥିବା ଗ୍ରାମବାସୀ।

## ଫେରାର ଅଭିଯୁକ୍ତ ଗିରଫ

**ପାଟଣା, ୨୮।୩(ସ୍ୱ.ପ୍ର.)**

ତୁରୁମୁଙ୍ଗା ଥାନା ପୋଲିସ ଗୁରୁବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୁଆଖମଣ ଗ୍ରାମର ପେଟ୍ରା ମୁଣ୍ଡା। ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପେଟ୍ରାଙ୍କ ନାମରେ ୨୦୧୩ର ଏକ ମାମଲାରେ କୋର୍ଟ ୱାରେଣ୍ଟ ଥିବା ଥାନା ଏଏସଆଇ ଗୁରୁପ୍ରସାଦ ଦେଓ ସୂଚନା ଦେଇଛନ୍ତି।

## ଖଣି କେସ୍ ପରିଚାଳନା ବାବଦକୁ ଖର୍ଚ୍ଚ ୧,୩୧,୨୮୦୦୦

**କେନ୍ଦୁଝର, ୨୮।୩(ସ୍ୱ.ପ୍ର.)**

ବେଆଇନ ଖଣି କାରବାରକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ରିଟ ପିଟିସନ (ନଂ ୧୧୪/୨୦୧୪) ମାମଲା ବିଚାରଧୀନ ରହିଛି। ରାଜ୍ୟ ସରକାର କେସ ପରିଚାଳନା ପାଇଁ ଓକିଲ ଫି ବାବଦରେ ୧ କୋଟି ୩୧ ଲକ୍ଷ ୨୮ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୪ରୁ ୨୦୧୮ ବର୍ଷ ମଧ୍ୟରେ ସମୁଦାୟ ୭ ଥର ରାଜ୍ୟ ସରକାରଙ୍କ ପକ୍ଷରୁ ଓକିଲ ନିଯୁକ୍ତ କରାଯାଇ ଏହି ଅର୍ଥ ଖର୍ଚ୍ଚ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ମୁକ୍ତାର ଅହମଦ ରାଇନଙ୍କୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଆଇନଜୀବୀ କେ ଆର ମିଶ୍ରଙ୍କୁ ୨ ଥର ନିଯୁକ୍ତି ଦେଇ ୧ ଲକ୍ଷ ୭୦ ହଜାର ଟଙ୍କା ଦିଆଯାଇଥିବା ବେଳେ ବେଳେ ବରିଷ୍ଠ ଆଇନଜୀବୀ ଏଲ ନାଗେଶ୍ୱର ରାଓଙ୍କୁ ଥରେ ନିଯୁକ୍ତି ଦେଇ ୪ ଲକ୍ଷ ୪୦ ହଜାର ଟଙ୍କା ଫି ବାବଦକୁ ଦିଆଯାଇଥିବା ସୂଚନାରୁ ଜଣାପଡିଛି। ସେହିପରି ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀଙ୍କୁ ୪ ଥର ନିଯୁକ୍ତି ଦେଇ ବାକି ଟଙ୍କା ଫି ବାବଦକୁ ଦେଇଥିବା ଜଣାପଡିଛି। ରାଜ୍ୟ ସରକାର ଏହି ଟଙ୍କା କେଉଁଠୁ ଭରଣା କରିବେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶିକ୍ଷକଙ୍କୁ 'ସେବା ତାରକା' ପୁରସ୍କାର

**ଆନନ୍ଦପୁର, ୨୮।୩(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ସ୍କାଉଟ୍ ମାଷ୍ଟର୍ ଦେବୀ ଦାସ ପଣ୍ଡା କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ସେବା ମୂଳକ କାର୍ଯ୍ୟ କରି ରାଜ ଭବନଠାରେ ଏକ ସ୍ୱତନ୍ତ୍ର ସମାବେଶରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌ଙ୍କଠାରୁ 'ସେବା ତାରକା' ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲା ସମ୍ପାଦକ ସର୍ଦ୍ଦାର ବାରିକ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ପରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡାଙ୍କୁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର୍ ଶେଭେଚ୍ଛା ଜ୍ଞାପନ କରିଛନ୍ତି।




ରାଜ୍ୟପାଳଙ୍କଠାରୁ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

## ପୋଖରୀରେ ବୁଡ଼ି ଜୀବନ ଗଲା

**ଢେଙ୍କିକୋଟ,୨୮।୩(ଡି.ଏନ.ଏ.)**

ପଣ୍ଡାପଡା ଥାନା ଅନ୍ତର୍ଗତ ବିନିଦା ପଞ୍ଚାୟତ ମଞ୍ଜୁରଡିମା ଗ୍ରାମ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ସ୍ୱର୍ଗତ ରଙ୍ଗାଲା ମୁଣ୍ଡାଙ୍କ ପୁଅ ଶଙ୍କର(୪୫)। ସେ ବୁଧବାର ଅପରାହ୍ନରେ ପୋଖରୀକୁ ଗାଧେଇବା ପାଇଁ ଯାଇଥିଲେ। ସେତେବେଳେ ପୋଖରୀରେ କିମ୍ବା ପୋଖରୀ ନିକଟରେ କେହିବି ଲୋକ ନ ଥିଲେ। ଶଙ୍କର ଗାଧୋଇବା ସମୟରେ ପୋଖରୀ ପଡି ଯାଇଥିଲେ। ତାଙ୍କୁ ବହୁ ଖୋଜାଖୋଜି କରି ପରିବାର ଲୋକେ ସନ୍ଧ୍ୟାରେ ପୋଖରୀରେ ଭାସୁଥିବା ଅବସ୍ଥାରେ ପାଇଥିଲେ। ପଣ୍ଡାପଡା ଥାନାରେ ଜଣାଯାଇଥିଲା। ଥାନା ଅଧିକାରୀ ରଞ୍ଜୁ ହାସିନି କୁଲୁଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ତାପସ କୁମାର ଜେନା ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିଛନ୍ତି।

## ମାଡ଼ମାରି ଲୁଟ ଉଦ୍ୟମ, ଦୁଇ ଯୁବକ ଗିରଫ

**ପାଟଣା,୨୮।୩(ସ୍ୱ.ପ୍ର.)**

ମାଡ଼ମାରି ଲୁଟ ଉଦ୍ୟମ ଓ ଜୀବନରୁ ମାରି ଦେବା ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ଦୁଇ ଜଣ ଝାରଖଣ୍ଡ ଅଞ୍ଚଳର ଯୁବକଙ୍କୁ ଗୁରୁବାର ସକାଳେ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି ଝାରଖଣ୍ଡ ଜଗନ୍ନାଥପୁର ଥାନା ତୁଡାଗଂତୁ ଗ୍ରାମର ଚନ୍ଦନ ପାତ୍ର ଓ ବଳଭଦ୍ର ଗୋପ। ତୁରୁମୁଙ୍ଗା ଗ୍ରାମର ମନୋଜ କୁମାର ପୃଷ୍ଟି ନିଜ ଓଆର ୦୯ଇ୭୦୫୮ ନମ୍ବର ବାଇକ୍ ଯୋଗେ ବୁଧବାର ସନ୍ଧ୍ୟାରେ କରଞ୍ଜିଆରୁ କାମ ସାରି ତୁରୁମୁଙ୍ଗା ଫେରୁଥିଲେ। ଦୁମୁରିଗୋଡା ପେଟ୍ରୋଲ ପମ୍ପ ନିକଟରେ ଦୁଇ ଜଣ ଯୁବକ ତାଙ୍କୁ ଅଟକାଇ ଗାଡିର ଚାବି ଛଡାଇ ନେବାକୁ ଉଦ୍ୟମ କରିଥିଲେ। ମନୋଜ ଗାଡିର ଚାବି ନ ଦେଇ ଦୌଡ଼ି ପଳାଇ ଯାଉଥିଲେ। ଦୁଇ ଯୁବକ ତାଙ୍କୁ ପଛପଟୁ ପଥରେ ଆକ୍ରମଣ କରିବା ସହ ତଣ୍ଟିକୁ ଚିପି ଧରି ଚାବି ନେଇ ଯିବାକୁ ଚେଷ୍ଟା କରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ମନୋଜ ଧରିଥିବା ମୋବାଇଲକୁ ଦୁଇ ଲୁଟେରା ନେଇ ଯାଇଥିଲେ। ଏ ନେଇ ମନୋଜ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ ଡୁମୁରିଗୁଡ଼ାରେ ରହୁଥିବା ଘରୁ ଗିରଫ କରିବା ସହ ମୋବାଇଲ ଜବତ କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୩୦/୧୯) ରୁଜୁ ହୋଇଥିବା ଜଣାପଡ଼ିଛି।



ଗିରଫ ୨ ଯୁବକ

■ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

## ତୃତୀୟ ଦିନରେ ଧକୋଠା ବଜାର ବନ୍ଦ

**ଆନନ୍ଦପୁର/କୋଲିମାଟି, ୨୮।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକର ପୂର୍ବତନ ଅଧକ୍ଷ ତଥା ୨୦୧୪ରେ ବିଧାନସଭା ଆସନ ପାଇଁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କ ହତ୍ୟା ଘଟଣାକୁ ନେଇ ଗୁରୁବାର ତୃତୀୟ ଦିନରେ ଧକୋଠା ବଜାର ବନ୍ଦ ରହିଛି। ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟା ପରେ ଲୋକେ ଘରୁ ବାହାରୁନାହାନ୍ତି। ଘସିପୁରା ପୋଲିସ ଘଟଣାର ତଦନ୍ତ କରୁଛି। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ପଚରାଉଚୁରା ପରେ ବିଚାର ବିଭାଗୀୟ ହାଜତକୁ ପଠାଇବା ବ୍ୟବସ୍ଥା ଗ୍ରହଣ କରିଛି। ବୁଧବାର କେନ୍ଦୁଝର ଏସ୍‌ପି ଜୟନାରାୟଣ ପଙ୍କ ଘଟଣାସ୍ଥଳ ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷରେ ଗିରଫ ତିନି ଅଭିଯୁକ୍ତ ଅଜିତ୍ ପୃଷ୍ଟି, ସଞ୍ଜୀବ ପୃଷ୍ଟି ଓ ପୂର୍ଣ୍ଣଚନ୍ଦ୍ର ବୋଇତେଇଙ୍କୁ ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।




ଧକୋଠା ବଜାର ବନ୍ଦ ରହିଛି।

## ଦେଶୀ ମଦ ସହ ବାଇକ୍ ଜବତ, ୨ ଗିରଫ

**ଚମ୍ପୁଆ,୨୮।୩ (ଡି.ଏନ.ଏ.)**

ଚମ୍ପୁଆ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦେଶୀ ମଦ ସହ ବାଇକ ଜବତ ହୋଇଛି। ଏଥିରେ ୨ ଜଣ ଗିରଫ ହୋଇଛନ୍ତି। ଖବର ଅନୁସାରେ ଚମ୍ପୁଆ ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀ ମଦ କାରବାର ରୋକିବା ପାଇଁ ପାଟ୍ରୋଲିଂ କଡାକଡି କରାଯାଉଛି। ବର୍ଦ୍ଧନା ଅଞ୍ଚଳରୁ ବାଇକ୍ ଯୋଗେ ବାହାରକୁ ବିକ୍ରି ପାଇଁ ଯାଉଥିବା ୧୦ ଲିଟର ମହୁଲିମଦ ସହ ବାଇକ ଜବତ ହୋଇଛି। ସେଠାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା। ସେହିପରି ପାଟ୍ରୋଲିଂ ସ୍କାଡ ଦ୍ୱାରା ନନ୍ଦପୁର ଅଞ୍ଚଳରେ ଚଢାଉ କରାଯାଇ ୭ ଲିଟର ମହୁଲିମଦ ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସବଇନ୍ସପେକ୍ଟର ଦେବରାଜ ଖମାରୀଙ୍କ ନେତୃତରେ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଏହି ଚଢାଉ କରାଯାଇଥିଲା।

## ସେଡିଂ ଜଙ୍ଗଲରେ ନିଆଁ

**ବଡ଼ବିଲ, ୨୮।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ କୋର୍ଟ ପଛପାଖ ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲା। ସ୍ଥାନୀୟ ଯୁବକ ବିକାଶ କୁମାର ଦାଶ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହ ଯାଇ ନିଆଁ ଲିଭାଇଥିବା ଜଣାପଡିଛି। ରାତି ପ୍ରାୟ ସାଢେ ସାତଟା ବେଳେ ନିଆଁ ଭୟଙ୍କର ରୂପ ନେଇ ସାରିଥିଲା। ଦୂରରୁ ନିଆଁ ଦେଖି ବିକାଶ ସ୍ଥାନୀୟ ବନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ। କୌଣସି ସୁଫଳ ମିଳି ନ ଥିଲା। ନିଆଁ ବଢି ଚାଲିଥିଲା। ପରେ କୌଣସି ଉପାୟ ନ ପାଇ ବିକାଶ ତୁରନ୍ତ ଅଗ୍ନିଶମ କର୍ମଚାରୀଙ୍କ ସହାୟତା ନେଇଥିଲେ। ଦୀର୍ଘ ଘଣ୍ଟା ପରେ ନିଆଁ ଲିଭା ଯାଇଥିଲା।



ସେଡିଂ ଜଙ୍ଗଲରେ ଲାଗିଥିବା ନିଆଁ।

## ମା' ମଥୁରାସିନୀ ପୂଜା ମହୋତ୍ସବ

**କେନ୍ଦୁଝର, ୨୮।୩(ସ୍ୱ.ପ୍ର.)**

କେନ୍ଦୁଝର ମାହୁରୀ ବୈଶ୍ୟ ସମାଜ ପକ୍ଷରୁ ମା' ମଥୁରାସିନୀ ପୂଜା ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ମାହୁରୀ ସମାଜର ଇଷ୍ଟଦେବୀ ମା' ମଥୁରାସିନୀଙ୍କ ପୂଜା ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ୩୧ରେ ମହୋତ୍ସବ ସମ୍ପନ୍ନ ହେବ ବୋଲି କମିଟିପକ୍ଷରୁ ସୂଚନା ମିଳିଛି। ମା' ମଥୁରାସିନୀ ମା' ଦୁର୍ଗା ଏବଂ ମା' ଲକ୍ଷ୍ମୀଙ୍କର ଅବତାର ହୋଇଥିବାରୁ ମା'ଙ୍କ ପୂଜା ଉତ୍ସବକୁ ନିଷ୍ଠାର ସହ ପାଳନ କରାଯାଇଥାଏ। ମା'ଙ୍କ ପୂଜା ନିଷ୍ଠାର ସହ କଲେ ଧନପ୍ରାପ୍ତି ସହ ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା' ମଥୁରାସିନୀ ପୂଜା ମହୋତ୍ସବ ଉପଲକ୍ଷେ ୨୮ତାରିଖ ଗୁରୁବାର ସକାଳେ ଶତାଧିକ ମହିଳାପୁରୁଷ କଳସ ଯାତ୍ରାରେ ଆସି ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଟେଲି ପଣ୍ଡରୁ ଜଳ ନେଇ ପୂଜା ଆରମ୍ଭ କରିଛନ୍ତି। ସନ୍ଧ୍ୟାରେ ଆରତି ପରେ ଭଜନ ସମାରୋହ କାର୍ଯ୍ୟକ୍ରମ ମାରୱାଡି ରାମଭବନଠାରେ ଅନୁଷ୍ଠିତ ହୋଇଛି। ୨୯ରେ ମା'ଙ୍କ ପୂଜାସୋବ ଶାସ୍ତ୍ରମତେ କରାଯାଇ ହୋମପୂଜା, ସନ୍ଧ୍ୟା ଆରତୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୩୦ରେ ଆରତି ଏବଂ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ୩୧ଖରେ ବିଶେଷ ପୂଜାର୍ଚ୍ଚନା, ବିସର୍ଜନ ପୂଜା ଏବଂ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବେଳେ ଏହି ଦିନ ଜିଲାର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥାଏ। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ବର୍ଷ ମାହୁରୀ ସମାଜ ପକ୍ଷରୁ ଫଗୁଣ ମାସ ହୋଲି ପରେ ମା' ମଥୁରାସିନୀଙ୍କ ପୂଜା ରୀତିନୀତି ସହ ଅନୁଷ୍ଠିତ ହୋଇଥାଏ।



ମହିଳାପୁରୁଷଙ୍କ କଳସ ଶୋଭାଯାତ୍ରା।

# ଚୋରି ଗାଡ଼ି ଝାଡ଼ଖଣ୍ଡରୁ ଜବତ

■ ମାଷ୍ଟରମାଇଣ୍ଡ ସହ ଅନ୍ୟ ଦୁଇ ଗିରଫ

**ବଡ଼ବିଲ, ୨୮।୩(ସ୍ୱ.ପ୍ର.)**

ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହିରୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ହାଇୱାକୁ ପୋଲିସ ବୁଧବାର ରାତିରେ ଝାଡ଼ଖଣ୍ଡରୁ ଜବତ କରିଛି। ଏହି ଘଟଣାର ମାଷ୍ଟର ମାଇଣ୍ଡ ସହ ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଗୁରୁବାର ବଡ଼ବିଲ ଏସଡିପିଓ ଦିଲିପ ବାଗ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ମାଷ୍ଟର ମାଇଣ୍ଡ ସୁନ୍ଦରଗଡ ଜିଲା କୋଇଡ଼ା ଅଞ୍ଚଳର ଗୁରୁଦେବ ଗୁପ୍ତା ଓରଫ ଛୋଟୁ, ଟିପର ବିକ୍ରି କରିବା ନିମନ୍ତେ ଛୋଟୁଙ୍କ ପାଖକୁ ଆସିଥିବା ଦୁଇ ଯୁବକ ଝାଡଖଣ୍ଡ ରାଜ୍ୟ ମଝଗାଓଁ ଥାନା ଖରପୋଷ ଗ୍ରାମର ଅମିର ହୁସେନ ଓ ସେକ୍ ନୌସାଦ। ନୌସାଦ ଏବେ କେନ୍ଦୁଝର ଜିଲା କଲେଜ ରୋଡରେ ମୋବାଇଲ ଦୋକାନ କରିଛନ୍ତି। ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହିରେ ରହୁଥିବା ଗୁରୁଦେବ ଗୁପ୍ତାଙ୍କର ଓଡି୦୯ସି୯୦୬୨ ନମ୍ବର ହାଇୱା ଗ୍ୟାରେଜ ସମ୍ମୁଖରୁ ଚୋରି ହୋଇଥିଲା। ଏ ନେଇ ବୁଧବାର ବଡବିଲ ଥାନାରେ ଏତଲା ହୋଇଥିଲା। ବଡବିଲ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସର ଗୋଟିଏ ଟିମ୍ ଝାଡଖଣ୍ଡ ଅଭିମୁଖେ ଯାଇଥିଲାବେଳେ ଆଉ ଏକ ଟିମ୍ କେନ୍ଦୁଝର ଆଡକୁ ଯାଇଥିଲା। ଝାଡଖଣ୍ଡ ପୋଲିସ ସହାୟତାରେ ଝାଡଖଣ୍ଡର ରାଜନଗର ଥାନାଞ୍ଚଳରୁ ଉକ୍ତ ହାଇୱାକୁ ଜବତ କରାଯାଇଛି। ମାଷ୍ଟର ମାଇଣ୍ଡ୍ ଛୋଟୁ ଓ ତାଙ୍କ ନିକଟରୁ ଟିପର ନେଇ ଅନ୍ୟକୁ ବିକ୍ରି କରୁଥିବା ଅମିର ଓ ନୌସାଦଙ୍କୁ ପୋଲିସ ଗିରଫ କରିଥିଲା। ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି ଯେ, ଅଭିଯୁକ୍ତ ଛୋଟୁଙ୍କ ନାମରେ ଯୋଡା ଥାନାଞ୍ଚଳରୁ ଗୋଟିଏ, ନୂଆମୁଣ୍ଡିରୁ ଗୋଟିଏ ଓ କୋଇଡାରୁ ୭ଟି ହାଇୱା ଚୋରି କରିଥିବା ନେଇ ମାମଲା ରୁଜୁ ରହିଛି। ହାଇୱା କ୍ରୟ କରୁଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ପୋଲିସ ଚେଷ୍ଟା ଜାରି ରଖିଛି ବୋଲି କହିଛନ୍ତି ଆଇଆଇସି ଦାଶ। ହାଇୱା ଟିପର ଚୋରି କରି ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର ପରେ ଛୋଟୁଙ୍କୁ ପ୍ରତିବଦଳରେ ଦେଢଲକ୍ଷ ଟଙ୍କା ପାଉଥିଲେ। ମୁଖ୍ୟ କ୍ରେତାଙ୍କୁ ହାଇୱା ହସ୍ତାନ୍ତର କରି ଦୁଇ ଜଣ ୫୦ ହଜାର ଟଙ୍କା ପାଉଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି।




ଉଦ୍ଧାର ହାଇୱା ଓ ଗିରଫ ୩ ଅଭିଯୁକ୍ତ।